# Akashvani, Sambalpur

# SAMBALPURI NEWS MORNING BULLETIN

## 26 August 2026 - 6.47- 6.52 am.

---

ପ୍ରଧାନ୍‌ମନ୍ତ୍ରୀ-ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଲାକାଏଲ୍ ନୂଆଦିଲ୍ଲୀ ନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୌଜନ୍ୟମୂଳକ୍ ସାକ୍ଷାତ୍ କରିଛନ୍ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ରାଜ୍ୟର୍ ସାମଗ୍ରିକ୍ ବିକାଶ୍, ସୁଭଦ୍ରା ଶକ୍ତି ଭଜନ୍ ସମ୍ମିଳନୀ, ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର୍ କିସ୍ତି ପ୍ରଦାନ୍, ଆଉ ଭିନ୍ ଭିନ୍ ପର୍ଯ୍ୟଟନ୍‌ର ବିକାଶ୍ ପ୍ରକଳ୍ପ ବାବ୍‌ଦେ ଆଲୋଚନା କରିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ମାର୍ଗଦର୍ଶନ୍‌ଥି ରାଜ୍ୟ ସର୍‌କାର୍ ବିକଶିତ୍ ଓଡ଼ିଶା ୨୦୩୬କେ ସାକାର୍ କର୍‌ବାର୍ ଲାଗି ପ୍ରତିବଦ୍ଧତାର୍ ସହେତେ ଆଗ୍‌କେ ବଢୁଛେ ବଲି ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୮ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ସାର୍ ଯୋଗାଣ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ସାର୍ ଯୋଗାଣ୍ ସ୍ୱାଭାବିକ୍ ଭାବେ ଚାଲିଛେ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ । ବିଭାଗ୍ ତର୍‌ଫୁ ୨

ଲାଖ୍ ୪୮ ହଜାର୍ ୬ ଶହ ୭୬ ଟନ୍ ସାର୍ ଯୁଗେଇ ଦିଆଯାଇଛେ । କୃଷି ବିଭାଗ୍ ତର୍ଫୁ ଆଉ ୩ ଲାଖ୍ ୨୦ ହଜାର୍ ଟନ୍ ସାର୍ ଯୁଗେଇ ଦିଆଯିବା । ଇହାଦେ ୬୦ ପ୍ରତିଶତ୍ ସାର୍ ସମବାୟ ବିଭାଗ୍କେ କୃଷି ବିଭାଗ୍ ତର୍ଫୁ ଦିଆଯାଉଛେ ବଲି ମନ୍ତ୍ରୀ କହିଛନ୍ । ସାର୍ କଲାବଜାରୀ କରୁଥିବା ଲୁକ୍କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ବଲସାମନ୍ତ ସୂଚ୍ନା ଦେଇଛନ୍ ।

ଉଚ୍ଚଶିକ୍ଷାନୁଷ୍ଠାନ-ବାୟୋମେଟ୍ରିକ୍ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟମାନ୍କେ ଛାତ୍ରଛାତ୍ରୀମାନ୍କର୍ ୭୫ ପ୍ରତିଶତ୍ ଉପସ୍ଥାନ୍କେ କଡ଼ାକଡ଼ି ଭାବେ ଲାଗୁ କରାଯିବା । ଇଥିର୍ଲାଗି ୧୦ ଟା ଉଚ୍ଚଶିକ୍ଷାନୁଷ୍ଠାନ୍ ନ ପାଇଲଟ୍ ମୋଡ୍ଥି ବାୟୋମେଟ୍ରିକ୍ ଉପସ୍ଥାନ୍ ମୁଲ୍ କରାଯାଇଛେ । ଆଏବା ଦିନେ ରାଜ୍ୟର୍ ସବୁ ଶିକ୍ଷାନୁଷ୍ଠାନ୍ ମାନ୍କେ ଇଟା କାର୍ଯ୍ୟକାରୀ କରାଯିବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ସବୁ କଲେଜ୍ ଅଧ୍ୟକ୍ଷ ଆଉ ବିଶ୍ୱବିଦ୍ୟାଳୟର୍ କୁଳସଚିବ ମାନ୍କୁ ଚିଠି ଜରିଏ ଜନେଇ ଦିଆଯାଇଛେ । ରାଏଜେ ଚଲ୍ତି ବଛର୍ନୁ କେଜି ନୁ

ପିଜି ମାହାଲିଆ "ଶିକ୍ଷା ଜ୍ଞାନୋଦୟ-ଶିକ୍ଷା ନୁ ସମୃଦ୍ଧି" ଯୋଜ୍‌ନା ମୁଲ୍ ହେଉଥିବାର୍‌ନୁ ଛାତ୍ରଛାତ୍ରୀମାନ୍‌କର୍ ଉପସ୍ଥାନ୍ ୭୫ ପ୍ରତିଶତ୍‌ନୁ କମ୍ ରହେଲେ ସେମାନ୍‌କୁ ଇ ଯୋଜ୍‌ନାନୁ ବାଦ୍ ଦିଆଯିବା ବଲି ଚିଠିଥି ଉଲ୍ଲେଖ୍ ରହିଛେ ।

ଓ.ଏସ୍.ଏସ୍.ଟି.ଇ.ଟି.          ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧମିକ ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା ଆଉ ଓଡ଼ିଶା ସେକେଣ୍ଡରୀ ସ୍କୁଲ୍ ଏଲିଜିବିଲିଟି ଟେଷ୍ଟ୍ ଓ.ଏସ୍.ଏସ୍.ଟି.ଇ.ଟି. ଲାଗି ଆବେଦନ୍ ସମିଆ ଆଏବା ୩୦ ତାରିଖ୍‌ତକ୍ ବଢ଼ାଯାଇଛେ । ଇ ପରୀକ୍ଷା ଲାଗି ଆବେଦନ୍‌ର ଶେଷ୍ ସମିଆ ଗଲା ୨୩ ତାରିଖ୍‌ତକ୍ ଥିଲା । ଭିନ୍ ଭିନ୍ ଜାଗା ନ ବଏଢ୍ ସ୍ଥିତି ଲାଗି ରହିଥିବାର୍‌ନୁ ଇ ସମିଆକେ ଆଏବା ୩୦ ତାରିଖ୍‌ତକ୍ ବଢ଼ାଯାଇଛେ ବଲି ବୋର୍ଡ୍ କର୍ତ୍ତୃପକ୍ଷଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଡି.ଏଲ୍.ଇ.ଡି          ଆର୍‌ଏନ୍‌ୟୁ/ ସମ୍ବଲପୁର

ଡିପ୍ଲୋମା ଇନ୍ ଏଲିମେଂଟାରୀ ଏଜୁକେସନ୍ ଡି.ଏଲ୍.ଇ.ଡି ପରୀକ୍ଷା ଲାଗି ଆଏବା ୨୮ ନୁ ସେପ୍ଟେମ୍ବର୍ ୬ ତାରିଖ୍‌ତକ ଫର୍ମ ଭରାଯିବା । ଡି.ଏଲ୍.ଇ.ଡି ପହେଲା ଆଉ ୨ ନମ୍ବର୍ ବଛର୍ ଆଉ ବେକ୍ ପେପର୍ ଥିବା ପ୍ରାର୍ଥୀମାନେ ଫି’ ଦାଖଲ୍ କରିକରି ଅନ୍‌ଲାଇନ୍‌ଥି ଫର୍ମ ଭରିପାର୍‌ବେ ବଲି ମାଧମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଫର୍ମ ସବୁ ସେପ୍ଟେମ୍ବର୍ ୮ ତାରିଖ୍ ଉପର୍‌ବେଲାତକ୍ ୱେବ୍‌ସାଇଟ୍‌ଥି ଅପ୍‌ଲୋଡ୍ କର୍‌ବାର୍ ଲାଗି ବୋର୍ଡ୍ ତର୍‌ଫୁ ସମିଆ ଧାରିଜ୍ କରାଯାଇଛେ ।

ମହମ୍ମଦ୍ ଜୟନ୍ତୀ ଆଇ ଆଣ୍ଡ୍ ପି.ଆର୍

ଇସ୍‌ଲାମ୍ ଧର୍ମର୍ ପ୍ରବର୍ତକ୍ ପୈଗମ୍ବର୍ ହଜ୍‌ରତ୍ ମହମ୍ମଦ୍‌ଙ୍କର୍ ଆଏଜ୍ ହେଉଛେ ଜନମ୍‌ଦିନ୍ । ଇସ୍‌ଲାମ୍ ଧର୍ମାବଲମ୍ବୀମାନ୍‌କର୍ ଲାଗି ଆଝିର୍ ଦିନ୍‌ଟା ଖୋବ୍ ପବିତ୍ର ଆଏ । ସେମାନେ ଆଏଜ୍ ଇଦ୍-ଏ-ମିଲାଦୁନ୍‌ନବୀ ପାଲନ୍ କରୁଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ

ରାଜ୍ୟର୍ ସବୁ ମୁସଲ୍‌ମାନ୍ ସମ୍ପ୍ରଦାୟ ଲୁକ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ସମ୍‌କର୍ ସୁଖ୍ ଶାନ୍ତି ଆଉ ସମୃଦ୍ଧିର୍ କାମନା କରିଛନ୍ ।

ରାଜ୍ୟ ମହିଲା ଆୟୋଗ୍ ଶିବିର ବର୍‌ଗଡ଼୍ ସମ୍ବାଦଦାତା

ମହିଳାମାନ୍‌କର୍ ଅଭିଯୋଗ୍‌ର ତୁର୍‌ତି ସମାଧାନ୍ ଲାଗି ବର୍‌ଗଡ଼୍ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ରାଜ୍ୟ ମହିଳା ଆୟୋଗ୍‌ର ଶିବିର୍ ଅଦାଲତ୍ ହେଇଯାଇଛେ । ରାଜ୍ୟ ମହିଳା ଆୟୋଗ୍‌ର ଅଧ୍ୟକ୍ଷା ସୋଭ୍‌ନା ମହାନ୍ତିଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଶିବିର୍‌ଥି ଘରୋଇ ହିଂସା, ଯୌନ ଉତ୍ପୀଡ଼ନ୍, ପାରିବାରିକ୍ ବିବାଦ୍ ସହେତେ ମୋଟ୍ ୨୪ ଟା ମାମ୍‌ଲାର୍ ଶୁଣାଣି କରାଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ ପ୍ରମୁଖ୍ ଉପସ୍ଥିତ୍ ଥିଲେ ।

ସଚେତନତା, ସ୍ୱେଚ୍ଛାକୃତ ରକ୍ତଦାନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଜିଲ୍ଲା ଓକିଲ୍ ସଂଘ ସଭାଗୃହ ନ ଗୁଟେ ସଚେତନତା ଆଉ ସ୍ୱେଚ୍ଛାକୃତ ରକ୍ତଦାନ୍

ଶିବିର୍ ହେଇଯାଇଛେ । ଶିବିର୍‌ଥି ସୁପ୍ରିମ୍‌କୋର୍ଟଙ୍କର୍ ନିଷ୍ପତିର୍ ଏ.ଆଇ. ଆଉ SUVAS ସଫ୍ଟୱେର୍ ଜରିଏ ଇଂରାଜୀନୁ ଆଂଚଲିକ୍ ଭାଷାକେ ଅନୁବାଦ୍ ଆଉ ଭିନ୍ ଭିନ୍ ଆଇନ୍ ବାବ୍‌ଦେ ସଚେତନ୍ କରାଯାଇଥିଲା । ଇ ଅବ୍‌ସରେ ହେଇଥିବା ରକ୍ତଦାନ୍ ଶିବିର୍‌ଥି ୩୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛେ ।

ପାଣିପାଗ/ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏଜ୍ ସଖାଲ୍‌ତକ୍ ସମ୍ବଲପୁର, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍ ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇତାର୍ ସହେତେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଖାଲର ୬ ବଜେତକ୍ ୬ ଶହ ୨୩ ଦଶ୍‌ମିକ୍ ୧/୯ ଫୁଟ୍ ରହିଥିଲା । ଇହାଦେ ୧୬ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୨ ଲାଖ୍ ୮୮ ହଜାର୍ ୯ ଶହ ୬୦ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୩ ଲାଖ୍ ୩୮ ହଜାର୍ ୬ ଶହ ୭୧ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।